# ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ଯୋଜନା

## "ସାମୁଦ୍ରିକ ମତ୍ସ୍ୟ ବିକାଶ"ରେ ନୂତନ ଡଙ୍ଗା, ଇଞ୍ଜିନ ଓ ଜାଲ ପାଇଁ ଆର୍ଥିକ ପ୍ରୋତ୍ସାହନ

ସାତଗୋଟି ଉପକୂଳ ଜିଲ୍ଲା ସହ ୪୮୦ କି.ମି. ସମୁଦ୍ର ଉପକୂଳ ଅଞ୍ଚଳକୁ ନେଇ ଆମ ରାଜ୍ୟ ଓଡ଼ିଶା ଏକ ଅଗ୍ରଣୀ ସାମୁଦ୍ରିକ ରାଜ୍ୟ ଭାବେ ପ୍ରତିଷ୍ଠିତ। ପ୍ରାୟ ୬ ଲକ୍ଷରୁ ଊର୍ଦ୍ଧ୍ୱ ସାମୁଦ୍ରିକ ମତ୍ସ୍ୟଜୀବୀ ଏହି ସାମୁଦ୍ରିକ ଅଞ୍ଚଳରୁ ମାଛ ଧରି ଓ ବିକ୍ରୟ କରି ଜୀବିକା ନିର୍ବାହ କରନ୍ତି। ରାଜ୍ୟରେ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସହ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ଆୟ ବୃଦ୍ଧି ଓ ଜୀବିକାର ଉନ୍ନତି ପାଇଁ ରାଜ୍ୟ ଯୋଜନା ଅନ୍ତର୍ଗତ "ସାମୁଦ୍ରିକ ମତ୍ସ୍ୟ ବିକାଶ" କାର୍ଯ୍ୟକ୍ରମ ମାଧ୍ୟମରେ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଏଥିନିମନ୍ତେ ରାଜ୍ୟ କୃଷି ନୀତି-୨୦୧୩ ରେ ସାମୁଦ୍ରିକ ମତ୍ସ୍ୟଜୀବୀ ମାନଙ୍କ ପାଇଁ ନୂତନ ଡଙ୍ଗା, ଇଞ୍ଜିନ ଓ ଜାଲ ଆହରଣ ପାଇଁ ସହାୟତା ପ୍ରଦାନର ବ୍ୟବସ୍ଥା ରଖାଯାଇଛି।





### ନୂତନ ଡଙ୍ଗା, ଇଞ୍ଜିନ ଓ ଜାଲ ଉପରେ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ମିଳୁଥିବା ସହାୟତା

| କ୍ର. ସଂ. | ତାଲିକାଭୁକ୍ତ ସାମଗ୍ରୀ ସରଞ୍ଜାମ | ସର୍ବାଧିକ ଏକକ ମୂଲ୍ୟ (ଲକ୍ଷ ଟଙ୍କାରେ) | ସର୍ବାଧିକ ସରକାରୀ ସହାୟତା (ଲକ୍ଷ ଟଙ୍କାରେ)/ହିତାଧିକାରୀଙ୍କ ପ୍ରତି | |
|---|---|---|---|---|
| | | | ସାଧାରଣ ବର୍ଗ (୪୦%) | ଅନୁସୂଚୀତ ଜାତି ଓ ଜନଜାତି (୬୦%) |
| ୧. | ବିଭିନ୍ନ ଆକାରର ମାଛଧରା ଡଙ୍ଗା | ୭.୫୦ | ୩.୦୦ | ୪.୫୦ |
| ୨. | ଡଙ୍ଗା ନିମନ୍ତେ ଇଞ୍ଜିନ୍ | ୧.୫୦ | ୦.୬୦ | ୦.୯୦ |
| ୩. | ମାଛଧରା ଜାଲ | ୧.୦୦ | ୦.୪୦ | ୦.୬୦ |
| | **ସମୁଦାୟ** | **୧୦.୦୦** | **୪.୦୦** | **୬.୦୦** |

### ଏହି ସହାୟତା ପାଇବା ପାଇଁ ନିୟମାବଳୀ:

୧. ଆବେଦନକାରୀଙ୍କର ନିଜସ୍ୱ କ୍ୟୁ ଆର କୋଡଯୁକ୍ତ ଆଧାର କାର୍ଡ଼ ଥିବା ଆବଶ୍ୟକ।

୨. ପୂର୍ବରୁ ଡଙ୍ଗା/ଇଞ୍ଜିନ୍/ଜାଲ ନିମନ୍ତେ କୌଣସି ସରକାରୀ ସହାୟତା ପାଇନଥିବେ।

୩. ଜଣେ ମତ୍ସ୍ୟଜୀବୀ କେବଳ ଗୋଟିଏ ୟୁନିଟ୍ (ଡଙ୍ଗା ସହ ଇଞ୍ଜିନ ଓ ଜାଲ) ପାଇଁ ସହାୟତା ପାଇବେ।

୪. ନୂତନ ଡଙ୍ଗା, ଇଞ୍ଜିନ ଓ ଜାଲ ନିମନ୍ତେ ସାଧାରଣ ବର୍ଗଙ୍କ ପାଇଁ ଶତକଡ଼ା ୪୦ ଭାଗ ଏବଂ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଶତକଡ଼ା ୬୦ ଭାଗ ରିହାତି ବ୍ୟବସ୍ଥା ରହିଛି।

୫. ଆଗ୍ରହୀ ମତ୍ସ୍ୟଜୀବୀ ଏଥିପାଇଁ ନିର୍ଦ୍ଧାରିତ ଫର୍ମରେ ଅଥବା ଅନ୍‌ଲାଇନ୍ ସର୍ଭିସ୍ ପୋର୍ଟାଲରେ ନିକଟସ୍ଥ ସାମୁଦ୍ରିକ ୟୁନିଟ୍‌ରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀଙ୍କ ମାଧ୍ୟମରେ ଅତିରିକ୍ତ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ)ଙ୍କୁ ଆବେଦନ କରିପାରିବେ।

୬. ମତ୍ସ୍ୟଜୀବୀ ନେବାକୁ ଚାହୁଁଥିବା ଡଙ୍ଗାର ଆକାର (ଦୈର୍ଘ୍ୟ x ପ୍ରସ୍ଥ x ଉଚ୍ଚତା), ଇଞ୍ଜିନର ଦକ୍ଷତା (୫ hp - ୩୦ hp) ଓ ଜାଲର ପ୍ରକାର ଉଲ୍ଲେଖ କରିବା ଆବଶ୍ୟକ।

୭. ଜିଲ୍ଲାପାଳଙ୍କ ଅଧକ୍ଷତାରେ ଗଠିତ ସ୍କ୍ରୀନିଂ କମିଟି ଦ୍ୱାରା ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ଡଙ୍ଗା, ଇଞ୍ଜିନ ଓ ଜାଲ କ୍ରୟ ପାଇଁ ଅତିରିକ୍ତ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ) ଅନୁମତି ପ୍ରଦାନ କରିବେ।

୮. ମତ୍ସ୍ୟ ନିର୍ଦ୍ଦେଶାଳୟ ଦ୍ୱାରା ସ୍ୱିରିକୃତ ଇଞ୍ଜିନ ନିର୍ମାତାକାରୀ / ବ୍ରାଣ୍ଡ ମଧ୍ୟରୁ ନିଜ ପସନ୍ଦର ଇଞ୍ଜିନ ଓ ଓଡ଼ିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ (OPDC)ଙ୍କ ଠାରୁ ଡଙ୍ଗା ଓ ଜାଲ ହିତାଧିକାରୀ କିଣିବେ।

୯. ଡଙ୍ଗା, ଇଞ୍ଜିନ ଓ ଜାଲ ଆହରଣ ଓ ରିଅଲ କ୍ରାଫ୍ଟ ପୋର୍ଟାଲରେ ଡଙ୍ଗାର ପଞ୍ଜିକରଣ ପରେ ହିତାଧିକାରୀଙ୍କ ରିହାତି ଅର୍ଥ ସେମାନଙ୍କ ବ୍ୟାଙ୍କ ଜମାଖାତାକୁ DBT ମାଧ୍ୟମରେ ହସ୍ତାନ୍ତର କରାଯିବ।

**ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ବୃଦ୍ଧି,**

**ମତ୍ସ୍ୟଜୀବୀଙ୍କ ଅପାର ଖୁସି**



**ଅଧିକ ବିବରଣୀ ଓ ସହାୟତା ନିମନ୍ତେ ସାମୁଦ୍ରିକ ୟୁନିଟ୍‌ରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ଅତିରିକ୍ତମତ୍ସ୍ୟ ଅଧିକାରୀ (ସାମୁଦ୍ରିକ)ଙ୍କ ସହିତ ଯୋଗାଯୋଗ କରନ୍ତୁ।**

**ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର**